ସକାଳ THE SAKALA



## ଗଞ୍ଜାମ ପୁଲିସ ଜିଲ୍ଲାରେ ଛୋଟ ଧରଣର ବଦଳି

ଛତ୍ରପୁର,୨୩।୮ (ସମିସ): ଗଞ୍ଜାମ ପୁଲିସ ଜିଲ୍ଲାରେ କାର୍ଯ୍ୟରତ କିଛି ଥାନା ଅଧିକାରୀ ଓ ଏସ୍‌ଆଇ ସ୍ତରରେ ଛୋଟ ଧରଣର ବଦଳି ହୋଇଛି । ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଏହି ବଦଳି କରିଥିବା ଜଣାପଡିଛି । ଚମାଖଣ୍ଡି ଥାନା ଅଧିକାରୀ ଭାବେ ଦାୟିତ୍ୱରେ ଥିବା ସବ୍ୟସାଚୀ ମଲ୍ଲଙ୍କୁ ଛତ୍ରପୁର ଥାନା ଅଧିକାରୀ ଭାବେ ବଦଳି ହୋଇଛି । ସେହିପରି ଜିଲ୍ଲା ଆରକ୍ଷୀ ମୁଖ୍ୟାଳୟରେ ଥିବା ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କୁ ଚମାଖଣ୍ଡି ଥାନା ଅଧିକାରୀ ଭାବେ ବଦଳି ହୋଇଛି । ସେହିପରି ବଡ଼ଗଡ଼ ଥାନା ଅଧିକାରୀ ଭାବେ ଥିବା ସନ୍ତୋଷ କୁମାର ବେହେରାଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି ହୋଇଥିବା ବେଳେ ହୁମ୍ମା ପାଣ୍ଡି ଦାୟିତ୍ୱରେ ଥିବା ଏସଆଇ ଶୁର୍ଭଜିତ ସାମନ୍ତରାୟଙ୍କୁ ବଡଗଡ ଓଆଇସି ଭାବେ ବଦଳି ହୋଇଛି । ସେହିପରି ଆର୍‌ଓରେ ଥିବା ଏସଆଇ ସତ୍ୟଜିତ ବେନିଆ ହୁମ୍ମା ଫାଣ୍ଡି ଦାୟିତ୍ୱରେ ରହିବେ ବୋଲି ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

■ ଗଞ୍ଜାମ ପୁଲିସର ଅପରେସନ ଅନ୍ୱେଷଣ

## ପାଞ୍ଚ ଦିନରେ ୧୧୫ ଶିଶୁ ଓ ମହିଳା ଉଦ୍ଧାର

ଛତ୍ରପୁର,୨୩।୮ (ସମିସ): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ପୁଲିସ ଜିଲ୍ଲାରେ ଆରମ୍ଭ ହୋଇଛି ଅପେରସନ ଅନ୍ୱେଷଣ। ଏହି ଅପେସନରେ ପାଞ୍ଚ ଦିନରେ ୧୧୫ ଜଣକୁ ଉଦ୍ଧାର କରାଯାଇଛି । ୧୧୫ଜଣଙ୍କ ମଧ୍ୟରେ ୨୯ ଜଣ ନାବାଳକ/ନାବାଳିକା ରହିଥିବା ବେଳେ ୮୬ ଜଣ ମହିଳା ରହିଛନ୍ତି। ଉଦ୍ଧାର ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି ପୁଲିସ । ଏହି ଅପେରସନ ଏକ ସପ୍ତାହ ଚାଲିବ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି । ପୋଲସରା ଥାନା ପକ୍ଷରୁ ସର୍ବାଧିକ ୧୭ ଜଣ ନିଖୋଜକୁ ଉଦ୍ଧାର କରାଯାଇଛି । ପୁରୁଷୋତମପୁର ପୁଲିସ ପକ୍ଷରୁ ୧୨ଜଣଙ୍କୁ, ଗାଙ୍ଗପୁର ଓ ହିଞ୍ଜିଳି ପୁଲିସ ପକ୍ଷରୁ ୧୦ଜଣଙ୍କୁ, ଖଲ୍ଲିକୋଟ ପୁଲିସ ୪, ଚମାଖଣ୍ଡି ୩, ଗଞ୍ଜାମ ୪, ଛତ୍ରପୁର ୧, ରମ୍ଭା ୪, କବିସୂର୍ଯ୍ୟନଗର ୪, କୋଦଳା ୨, ବେଗୁନିଆପଡା ୮, ଭଞ୍ଜନଗର ୮, ବେଲଗୁଣ୍ଠା ୩, ବୁଗୁଡା ୫, ଜଗନ୍ନାଥ ପ୍ରସାଦ୨, ତାରିସିଂ୩ , ଆସିକା ୨, ପାଟପୁର ୫, ସୋରଡା ୨, ବଡଗଡ ୨, ବେଲଗାଁ ୨ ଓ ଧରାକୋଟ ଥାନା ପକ୍ଷରୁ ୨ ଜଣ ନିଖୋଜକୁ ଉଦ୍ଧାର କରାଯାଇଥିବା ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ଶ୍ରାଦ୍ଧ ଦିବସ

ଛତ୍ରପୁର,୨୩।୮ (ସମିସ): ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏନ. ଇରେଶୁ ଆଚାରୀଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ବରିଷ୍ଠ କମ୍ୟୁନିଷ୍ଟ ନେତା ଏସ. କ୍ରିଷ୍ଣା ରେଡ୍ଡୀଙ୍କ ପୌରହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ସିପିଆଇ ଜୋନାଲ ସମ୍ପାଦକ ଡ଼ି. ଆଦି ନାରାୟଣ ରେଡ୍ଡୀ, ଆଇନଜୀବୀ ବାବୁ ନାହାକ, ଅନାମ ପ୍ରଧାନ, ଏନ. ସୁକାନ୍ତ ଆଚାରୀ, ନବୀନ ଚନ୍ଦ୍ର ମହାନ୍ତି, ବୁଲୁ ପଣ୍ଡା, ଶିକନ୍ଦର ଖାନ, ଡ଼ି. ଲଛନା ରାଓଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ମାନେ ଯୋଗଦେଇ ସ୍ୱର୍ଗତ ଆଚାରୀଙ୍କ ସ୍ମୃତିଚାରଣ କରିଥିଲେ ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ରଙ୍ଗେଇଲୁଣ୍ଡା,୨୩।୮ (ସମିସ): ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ମହିଳା, ଯୁବତୀ ଓ ଛାତ୍ରୀଙ୍କ ଉପରେ ଅସଦାଚରଣ ବଢ଼ିବାରେ ଲାଗିଛି । ଜଣେ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିଥିବା ନେଇ ବିଦ୍ୟାଳୟରେ ଅଭିଭାବକ ଓ ଗ୍ରାମ୍ୟ ଭଦ୍ରଲୋକ ହୋହଲ୍ଲା କରିଥିଲେ । ଖବର ପାଇ ଗୋଳନ୍ଥରା ପୁଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିବା ସୂଚନା ମିଳିଛି ।

ସୂଚନା ଅନୁସାରେ ଏହି ଥାନା ଅନ୍ତର୍ଗତ ଏକ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଗତ ୫ରୁ ୭ଦିନ ପୂର୍ବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅସଦାରଣ କରିଥିଲେ । ଏନେଇ ଛାତ୍ରୀ ଜଣକ ଭୟଭୀତ ହୋଇ ପରିବାର ଲୋକଙ୍କୁ ଜଣାଇଥିଲେ । ଶନିବାର ଭଦ୍ରଲୋକ ଓ ଗ୍ରାମର ଅଭିଭାବକଙ୍କୁ ନେଇ ବିଦ୍ୟାଳୟରେ ବୈଠକ ହୋଇଥିଲା, ମାତ୍ର ପ୍ରଧାନ ଶିକ୍ଷକ ଅନୁପସ୍ଥିତ ଥିଲେ । ଅଭିଭାବକମାନେ ପ୍ରଧାନ ଶିକ୍ଷକଙ୍କୁ ଡ଼କାଇ ଆଣିବାକୁ କହିଥିଲେ । ଯଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ପାଟିତୁଣ୍ଡ ଓ ହୋହଲ୍ଲା ଲାଗି ରହିଥିଲା । ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

ପ୍ରକାଶ ଯେ, ଗତ ଦୁଇ/ତିନି ମାସ ତଳେ ଓ ଗ୍ରାମବାସୀ ଓ ସରପଞ୍ଚ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ତୁରନ୍ତ ବଦଳି କରିବାକୁ ଚିକିଟି ବିଇଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଏନେଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ବର୍ତ୍ତମାନ ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ, ଅଭିଯୋଗ ହେଲେ ତୁରନ୍ତ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ଟ୍ରକ ଧକ୍କାରେ ଯୁବକ ମୃତ

ରଙ୍ଗେଇଲୁଣ୍ଡା,୨୩।୮ (ସମିସ): ଆନ୍ଧ୍ର ସୀମାବର୍ତ୍ତୀ ଠାରୁ ଗଞ୍ଜାମ ଜିଲ୍ଲାର ଜଗନ୍ନାଥପୁର ଛକ ପର୍ଯ୍ୟନ୍ତ ୧୬ନଂ ଜାତୀୟ ରାଜପଥ ଡେଥ୍ ଜୋନ୍ ପାଲଟିଛି । ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି । ଶନିବାର ଜଣେ ଯୁବକ ରାସ୍ତା ପାର ହେଉଥିବା ବେଳେ ଏକ ଟ୍ରକ ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ଦିଗିପୁର ଗ୍ରାମର ଏସ୍ ପାପେୟା । ପାପେୟା ଶନିବାରକୌଣସି କାମରେ ବ୍ରହ୍ମପୁର ଅଭିମୁଖେ ଆସୁଥିଲେ । ଗୋପାଳପୁର ଓଭରବ୍ରିଜ ନିକଟରେ ରାସ୍ତା ପାର ହେଉଥିବାବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଗୋପାଳପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ପୁଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛି ।

## ଆର. ବାହାଡ଼ାପଲ୍ଲୀ ହତ୍ୟା ଘଟଣା: ପୁଣି ୨ ଗିରଫ

ରମ୍ଭା/ହୁମ୍ମା,୨୩।୮ (ସମିସ): ଗତ ୨ ତାରିଖ ରାତିରେ ସାବୁଳିଆ ଗେଟ୍ ନିକଟରେ ବି.ମନୁ ପ୍ରଧାନ ଓ ଗତ ୧୩ ତାରିଖ ଏଚ୍.ବାହାଡ଼ାପଲ୍ଲୀ ଛକ ନିକଟରେ ପି. ଅଭିମନ୍ୟୁ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣାରେ ପୁଲିସ ଦୁଇଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ଖଲ୍ଲିକୋଟ ଥାନା ମାଳଖଜାପଲ୍ଲୀ ଗ୍ରାମର ବଳରାମ ପରିଡ଼ା(୨୧) ଓ ଆର.ବାହାଡ଼ାପଲ୍ଲୀ ଗ୍ରାମର ବି.ମଦନ ପ୍ରଧାନ(୩୮) ।

ଚଳିତ ମାସ ୨ ତାରିଖରେ ସାବୁଳିଆ ଗେଟ୍ ନିକଟରେ ବି. ମନୁ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାରେ ପୁଲିସ ଦୁଇ ଅଭିଯୁକ୍ତ ଜୟ ପ୍ରଧାନ ଓ କେଶବ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଅନ୍ୟ ଅଭିଯୁକ୍ତ ଫେରାର ଥିଲେ । ପରେ ଗତ ୧୩ ତାରିଖରେ ପ୍ରତିଶୋଧ ନେବା ପାଇଁ ଅନ୍ୟ ଏକ ଗୋଷ୍ଠୀର ଆର୍.ବାହାଡ଼ାପଲ୍ଲୀ ଛକ ନିକଟରେ ପି.ଅଭିମନ୍ୟୁ ପ୍ରଧାନଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା । ପୁଲିସ ଅଭିମନ୍ୟୁ ହତ୍ୟା ଘଟଣାରେ ୩ ଅଭିଯୁକ୍ତ (କ) ବି.ଅଭିମନ୍ୟୁ ପ୍ରଧାନ, ଅମର ପ୍ରଧାନ ଓ (ଖ) ବି.ଅଭିମନ୍ୟୁ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏଥିସହ ଆର୍.ବାହାଡ଼ପଲ୍ଲୀ ଗ୍ରାମରେ ପୁଲିସ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଥିଲେ । ଆଇଆଇସି କୁମାର ମୁଦୁଲିଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବାକି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ମନୁ ପ୍ରଧାନଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଖଲ୍ଲିକୋଟ ଥାନା ଅଞ୍ଚଳ ମାଳଖଜାପଲ୍ଲୀ ଗ୍ରାମର ବଳରାମ ଓ ପି.ଅଭିମନ୍ୟୁଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତ ଆର.ବାହାଡ଼ାପଲ୍ଲୀ ଗ୍ରାମର ବି.ମଦନଙ୍କୁ ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି ଗିରଫ କରିଛନ୍ତି ।

ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ

# ବାଧକ ସାଜିଛି ଜମି ହସ୍ତାନ୍ତର ପ୍ରକ୍ରିୟା

ବ୍ରହ୍ମପୁର,୨୩।୮ (ସମିସ):



- ରାଜସ୍ୱ ବିଭାଗ ଜମିର ମାଲିକାନା ବିଚାର ବିଭାଗକୁ ପରିବର୍ତ୍ତନରେ ବିଳମ୍ବ
- ବୋର୍ଡ ଅଫ୍ ରେଭିନ୍ୟୁର ଅନୁମୋଦନ ଅପେକ୍ଷାରେ ପ୍ରକଳ୍ପ କାର୍ଯ୍ୟ
- ଜମି ଅଧିଗ୍ରହଣ ଓ ଦୁଇଟି ପୁରୁଣା କୋଠା ଉଚ୍ଛେଦ ପରେ ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ

ବ୍ରହ୍ମପୁର କୋର୍ଟ ପରିସରରେ ନିର୍ମାଣ ହେବ ପ୍ରସ୍ତାବିତ ନୂତନ ଜୁଡିସିଆଲ କମ୍ପ୍ଲେକ୍ସ । ଏଥିପାଇଁ ସରକାରୀ ଅନୁମୋଦନ ମିଳିସାରିଛି । ଏପରିକି ନୂତନ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପୁରୁଣା କୋଠାକୁ ଉଚ୍ଛେଦ ମଧ୍ୟ କରାଯାଇଛି । ମିଳିଥିବା ସୂଚନା ପ୍ରକାରେ ସହରାଞ୍ଚଳରେ କୋର୍ଟ କମ୍ପ୍ଲେକ୍ସ ପାଇଁ ଅନ୍ୟୁନ ୫ ଏକର ଏବଂ ଗ୍ରାମାଞ୍ଚଳରେ ୩ ଏକର ଜମିର ଆବଶ୍ୟକତା ରହିଛି । ବ୍ରହ୍ମପୁରରେ ଏଥିପାଇଁ ଆବଶ୍ୟକ ଜମି ରହିଥିବା ବେଳେ ରାଜସ୍ୱ ବିଭାଗର ଜମି ହସ୍ତାନ୍ତର ପ୍ରକ୍ରିୟାରେ ବିଳମ୍ବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଅଟକି ରହିଥିବା ଦେଖିବାକୁ ମିଳିଛି । ଏହି ପ୍ରକଳ୍ପ ପାଇଁ ଇଂରେଜ ଅମଳର ପୁରୁଣା ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ, ଲାଇବ୍ରେରୀ, ପୁରୁଣା ଏସଡିଜେଏମ୍‌ଙ୍କ କୋର୍ଟ ବିଲ୍ଡିଂ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଡାକ ଘର, ସିଏସଆଇଙ୍କ କାର୍ଯ୍ୟାଳୟ ଓ ଏକାଧିକ କୋର୍ଟର କୋଠାକୁ ଭଙ୍ଗାଯାଇଛି ।

ଏଥିସହିତ କୋର୍ଟ କ୍ୟାମ୍ପସରେ ଥିବା ଓକିଲଙ୍କ ବହୁ ଚାମ୍ବରକୁ ମଧ୍ୟ ହଟାଇବାକୁ ପଡିଛି । ସହର ବାହାରେ ନହୋଇ ବରଂ ସହର ମଧ୍ୟରେ ସେପୁଣି ପୁରୁଣା କୋର୍ଟ ପରିସରରେ ପ୍ରସ୍ତାବିତ ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବହୁ ବାଦବିବାଦ ପରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସର୍ବସମ୍ମତି କ୍ରମେ ସହଯୋଗ କରାଯାଇଥିଲା । ବର୍ତ୍ତମାନ ସମସ୍ତଙ୍କର ଅପେକ୍ଷା ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହୋଇ ଶେଷ ହେବ । ଏଭଳି ପରିସ୍ଥିତିରେ କୋର୍ଟ ପରିସରରେ ରାଜସ୍ୱ ବିଭାଗ ଅଧିନରେ ଥିବା କେବଳ ଦୁଇଟି ପୁରୁଣା କୋଠାର ଉଚ୍ଛେଦ ହୋଇପାରିନାହିଁ । ଉଭୟ କୋଠାର ଜମି ରାଜସ୍ୱ ବିଭାଗରୁ ବିଚାରବିଭାଗକୁ ହସ୍ତାନ୍ତର ହେବା ପରେ ଉଚ୍ଛେଦ କାର୍ଯ୍ୟ କରାଯିବ । ଏଥିପାଇଁ ପୂର୍ବତନ ଗଞ୍ଜାମ ଜିଲ୍ଲାପାଳ ବୋର୍ଡ ଅଫ ରେଭିନ୍ୟୁଙ୍କୁ ଚିଠି ଲେଖି ସାରିଥିବା ବେଳେ ଅନୁମୋଦନକୁ ଅପେକ୍ଷା କରାଯାଇଥିବା ଜଣାପଡିଛି । ଜୁଡିସିଆଲ କମ୍ପ୍ଲେକ ନିର୍ମାଣ ଦାୟିତ୍ୱ ପୂର୍ତ୍ତବିଭାଗକୁ ଦିଆଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇସାରିଛି । ବର୍ତ୍ତମାନ କେବଳ ଉଭୟ କୋଠାର ଉଚ୍ଛେଦ କାର୍ଯ୍ୟ ବାକି ରହିଛି । ରାଜସ୍ୱ ବିଭାଗରୁ ଉକ୍ତ ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହେବାପରେ ତୁରନ୍ତ ଏହି କାର୍ଯ୍ୟ କରାଯିବ ବୋଲି କହିଛନ୍ତି ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୋମନାଥ ତ୍ରିପାଠୀ । ସେପଟେ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ହେଉଥିବା ନେଇ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ମଧ୍ୟ ସମସ୍ତ କର୍ମକର୍ତ୍ତା ନିକଟରେ ଜିଲ୍ଲା ଦୌରାଜଜ୍‌ଙ୍କ ସହିତ ଆଲୋଚନା କରିଛନ୍ତି । ତଦୁରନ୍ତ ଏନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି । ଏଣୁ ଖୁବ୍‌ଶୀଘ୍ର ଜମି ହସ୍ତାନ୍ତର ଓ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହେବାପରେ ଶିଳାନ୍ୟାସ ଓ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହେବ ବୋଲି ମତ ଦେଇଛନ୍ତି ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ଉପ ସଭାପତି ତିରୁମୁଲା ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟ ରାଓ ଓ ସହ ସମ୍ପାଦକ ଅସିତ କୁମାର ସାବତ ।

## ମହାମାୟୀ କଲେଜରେ ଇଂରାଜୀ ବିଭାଗର ପାଠଚକ୍ର



ବ୍ରହ୍ମପୁର,୨୩।୮ (ସମିସ): ସ୍ଥାନୀୟ ମହାମାୟୀ ମହିଳା ମହାବିଦ୍ୟାଳୟ ଇଂରାଜୀ ବିଭାଗର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟବକ୍ତା ଭାବେ ଗୋପାଳପୁର କଲେଜର ବରିଷ୍ଠ ଅଧ୍ୟାପକ ଡ. ମାନସ ରଂଜନ ମିଶ୍ର ଯୋଗଦେଇ "ସାହିତ୍ୟର ବହୁବିଧ ଦିଗ' ଶୀର୍ଷକ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଡ. ସସ୍ମିତା ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀମାନେ ନିଜର ନିବନ୍ଧ ଉପସ୍ଥାପନା କରିଥିଲେ । ପାଠଚକ୍ରର ଦ୍ୱିତୀୟ ପର୍ଯ୍ୟାୟରେ ଯୁକ୍ତତିନି ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିଲା । ଶେଷରେ ଅଧ୍ୟାପିକା ସୁରଭି ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧ୍ୟାପିକା ସରସ୍ୱତୀ ତ୍ରିପାଠୀ, ସୋଫିଆ ମଣ୍ଡଳ ଏବଂ ସ୍ୱର୍ଣ୍ଣଶ୍ରୀ ଶତପଥିଙ୍କ ସମେତ ଯୁକ୍ତ ତିନିର ବହୁ ଛାତ୍ରୀ ଉପସ୍ଥିତ ଥିଲେ ।

## ବ୍ରହ୍ମପୁରରୁ ନିଖୋଜ ୪ ଛାତ୍ରୀ ଛତ୍ରପୁରରୁ ଉଦ୍ଧାର

ବ୍ରହ୍ମପୁର,୨୩।୮ (ସମିସ): ବ୍ରହ୍ମପର ସହରରୁ ନିଖୋଜ ୪ ନାବାଳିକା ଛାତ୍ରୀଙ୍କୁ ଛତ୍ରପୁର ନିକଟରୁ ଉଦ୍ଧାର କରାଯାଇଛି । ନାବାଳିକା ବ୍ରହ୍ମପୁର ବଡ଼ବଜାର ଅଞ୍ଚଳରେ ଥିବା ଏକ ସରକାରୀ ବିଦ୍ୟାଳୟରେ ପଢୁଥିବା ବେଳେ ଗତକାଲି ସକାଳୁ ସ୍କୁଲକୁ ଯାଇ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ସନ୍ଧାନ ନପାଇ ପୃଥକ ଭାବେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ୪ ନିଖୋଜ ମାମଲା ରୁଜୁ କରି ଥାନା ଅଧିକାରୀ ବାବାଶଙ୍କର ଶରାଫଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା । ତଦନ୍ତ ବେଳେ ଛାତ୍ରୀ ଏକ ସିଟି ବସ୍‌ରେ ବସି ଛତ୍ରପୁର ଆଡ଼େ ଯାଉଥିବା ପୁଲିସ ଜାଣିବାକୁ ପାଇଥିଲା । ଛତ୍ରପୁର ଯାଇ ଆଇଆରଇଏଲ ଛକରୁ ପୁଲିସ ସେମାନଙ୍କୁ ଠାବ କରିବା ସହ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ପଚରାଉଚରା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ସହ ଉକ୍ତ ସ୍କୁଲରେ ପଢୁଥିବା ଜଣେ ନାବାଳିକା ଭାଇ ସହ ବନ୍ଧୁତା ସୃଷ୍ଟି ହୋଇଥିଲା । ଏ ବିଷୟରେ ଜଣାପଡିବା ପରେ ସମ୍ପୃକ୍ତ ନାବାଳିକାଙ୍କ ମା' ସ୍କୁଲକୁ ଯାଇ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ । ପ୍ରଧାନଶିକ୍ଷକ ଉକ୍ତ ନାବାଳିକାଙ୍କୁ ଡାକି ତାଗିଦ କରିଥିଲେ । ଆଉ ସଂପୃକ୍ତ ନାବାଳିକା ଓ ତାଙ୍କ ୩ ଜଣ ସହପାଠୀଙ୍କ କାରନାମା ବିଷୟରେ ପରିବାର ଲୋକଙ୍କୁ ଜଣାଇଦେବେ ବୋଲି କହିଥିଲେ । ଫଳରେ ୪ ନାବାଳିକା ଘର ଛାଡି ଭୁବନେଶ୍ୱର ଚାଲିଯିବାକୁ ଯୋଜନା କରି ସ୍କୁଲକୁ ଯାଉଛି କହି ଘରୁ ଯାଇଥିଲେ । ପୁରୁଣା ବସ୍‌ଷ୍ଟାଣ୍ଡକୁ ଯାଇ ସେଠାରେ ଏକ ଶୌଚାଳୟରେ ସ୍କୁଲ ୟୁନିଫର୍ମ ବଦଳାଇ ସାଧା ପୋଷାକ ପିନ୍ଧି ବସ୍‌ରେ ଦିଗପହଣ୍ଡି ଯାଇଥିଲେ । ସେଠାରେ ଜଣେ ନାବାଳିକା ଏଟିଏମ୍‌ରୁ ୫୦୦ ଟଙ୍କା ଉଠାଇଥିଲେ । ସେଠାରୁ ଫେରି ସମସ୍ତେ ବ୍ରହ୍ମପୁର ଆସିଥିଲେ । ଜଣେ ନାବାଳିକା ଛତ୍ରପୁରରେ ରହୁଥିବା ତାଙ୍କର ଜଣେ ସାଙ୍ଗକୁ ଫୋନ କରିବା ପରେ ଏକ ବସରେ ବସି ଛତ୍ରପୁର ଚାଲିଯାଇଥିଲେ । ଆଜି ସମସ୍ତ ୪ ନାବାଳିକାଙ୍କୁ ଉଦ୍ଧାର ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବକେ ଏମ ସୂଚନା ଦେଇଛନ୍ତି ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ



ବ୍ରହ୍ମପୁର,୨୩।୮ (ସମିସ): ସ୍ଥାନୀୟ ନୀଳାଞ୍ଚଳ ନଗରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କରାଯାଇଛି । ମାନବ ଅଧିକାର ସୁରକ୍ଷା ମଞ୍ଚ, ବିକାଶ, ଜନ ଜାଗରଣ ମଞ୍ଚ, ବରଗଛ ସୁରକ୍ଷା ସମିତି, ଚାଷୀ ମୂଲିଆ ସଂଘ, ଗଜପତି ନଗର ଉନ୍ନୟନ କମିଟିର ମିଳିତ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପରିବେଶପ୍ରେମୀ ଗଗନ ଚନ୍ଦ୍ର ମଲ୍ଲିକ, ସୁଶାନ୍ତ କୁମାର ସ୍ୱାଇଁ, କାହ୍ନୁ ଚରଣ ପାତ୍ର, ଗୁଣନିଧି ବେହେରା, ଲୋକନାଥ ପରିଡ଼ା, ଅବନୀ ଗୟା, ଶ୍ୟାମ ସୁନ୍ଦର ଖାଡଙ୍ଗା, ଅଶୋକ କୁମାର ଦଳାଇ, ପି. ନାଗେଶ୍ୱର ରାଓ, ସ୍ୱର୍ଣ୍ଣପ୍ରଭା ମିଶ୍ର, ଅନୁସାୟା ଦାଶ, ସୁଶାନ୍ତ ପାଢ଼ୀ, ରତ୍ନପର୍ଣ୍ଣ ପ୍ରଧାନ, ଏ. ସୁରେଶ ଚନ୍ଦ୍ର ମହାପାତ୍ର ଓ ନିରାକାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସମୀକ୍ଷା ବୈଠକ



ବ୍ରହ୍ମପୁର,୨୩।୮ (ସମିସ): ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପ୍ରଜ୍ଞାନ ସମ୍ମିଳନୀ କକ୍ଷରେ ଅଲଟ୍ରାସାଉଣ୍ଡ କ୍ଲିନିକ୍ ମାଲିକ ଓ ଡାକ୍ତରଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପିସି-ପିଏନଡିଟି ନିୟମ ମାନିବାକୁ ଜିଲ୍ଲାର ସମସ୍ତ ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକ୍ ମାଲିକ ଓ ଡାକ୍ତରଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଭ୍ରୁଣ ନିରୂପଣ କରିବାଠାରୁ ଦୂରେଇ ରହିବା ଏବଂ ଅଲଟ୍ରାସାଉଣ୍ଡ କ୍ଲିନିକର ସମସ୍ତ କାଗଜପତ୍ର ନିୟମ ଅନୁସାରେ ମହଜୁଦ କରି ରଖିବାକୁ କୁହାଯାଇଛି । ପିସି-ପିଏନଡିଟି ଆଇନକୁ ଆଧାର କରି ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେକୌଣସି ମୁହୁର୍ତ୍ତରେ ଘରୋଇ କ୍ଲିନିକରେ ଯାଞ୍ଚ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି । ସେହିପରି ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନା ଏବଂ ନିରୀକ୍ଷଣ ଯୋଜନାରେ ଗର୍ଭବତୀଙ୍କୁ ସମ୍ମାନ ପ୍ରଦାନ ପୂର୍ବକ ମାଗଣାରେ ଅଲଟ୍ରାସାଉଣ୍ଡ କରାଇବାକୁ ବୈଠକରେ କୁହାଯାଇଛି । ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପ୍ରଜ୍ଞାନ ସମ୍ମିଳନୀ କକ୍ଷରେ ଘରୋଇ କ୍ଲିନିକ ମାଲିକ ଓ ଡାକ୍ତରଙ୍କୁ ନେଇ ଏକ ସମୀକ୍ଷା ବୈଠକ ହୋଇଥିଲା । କାର୍ଯ୍ୟକ୍ରମକୁ ପିସି-ପିଏନଡିଟି ଆଇନ ପରାମର୍ଶଦାତା ଦିଲିପ କୁମାର ପଣ୍ଡା ପରିଚାଳନା କରିଥିଲେ । ବୈଠକରେ ପିସି-ପିଏନଡିଟି ଆଇନ ଓ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆଇନକୁ ନେଇ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଡିପିଏଚଓ ଡା. ବାଲୁଙ୍କେଶ୍ୱର ଷଡଙ୍ଗୀ, ଏଡିପିଏଚଓ(ପରିବାର କଲ୍ୟାଣ) ଡା. ଜେ କାମେଶ୍ୱର ରାଓ, ଏଡିପିଏଚଓ(ଭିବିଡି) ଡା. ଦେବାଶିଷ ପଟ୍ଟନାୟକ, ଡିପିଏମ ବୁଲୁନାଥ ସାହୁ, ଡିଏମଆରସିଏଚ ପ୍ରଶାନ୍ତ ବରାଳ ଓ ଡିଡିଏମ ପ୍ରମୁଖ ଉପସ୍ଥିତ ଥିଲେ ।

# ତୁଟୁନି ମହାମାୟୀ ମହିଳା ମହାବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ସମସ୍ୟା

ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକଙ୍କ ପରିଦର୍ଶନ ● ଭିତ୍ତିଭୂମି ଓ ଛାତ୍ରୀଙ୍କ ସମସ୍ୟା ନେଇ ଆଲୋଚନା

ବ୍ରହ୍ମପୁର,୨୩।୮ (ସମିସ):






ସ୍ଥାନୀୟ ପୁରୁଣା ଆମ୍ବ ମାର୍କେଟ ନିକଟରେ ମହାମାୟୀ ମହିଳା ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ନିର୍ମାଣର ଦୀର୍ଘମାସ ପରେ ବି ଏଠାରେ ଲାଗି ରହିଥିବା ସମସ୍ୟାର ସମାଧାନ ହେଉନି । ଉକ୍ତ କୋଠାରେ ବର୍ତ୍ତମାନ ଯୁକ୍ତତିନି କଳା ଓ ବାଣିଜ୍ୟ ଏବଂ ପିଜି ପାଠ୍ୟକ୍ରମରେ ୧୨ଶହରୁ ଅଧିକ ଛାତ୍ରୀ ପାଠ ପଢୁଛନ୍ତି । କିନ୍ତୁ କୋଠାରେ ମୌଳିକ ସୁବିଧା ନଥିବାରୁ ପ୍ରତିଦିନ ଶତାଧିକ ଛାତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଗୋଟିଏ ପକ୍ଷରେ ଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଅଧ୍ୟାପକ ଓ ଅଧ୍ୟାପିକା ଅଭାବ ରହିଛି । ଅନ୍ୟପକ୍ଷରେ ମହାବିଦ୍ୟାଳୟ ତଥା ଦ୍ୱିତୀୟ କ୍ୟାମ୍ପସ୍‌ରେ କ୍ଲାସ କରୁଥିବା ଛାତ୍ରୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ସହ ଟେବୁଲ ଚୌକିର ଘୋର ଅଭାବ ଦେଖାଦେଇଛି । ସେହିପରି ସହରର ଶେଷ ମୁଣ୍ଡରେ ଏହି କ୍ୟାମ୍ପସ ରହିଥିବା ବେଳେ ବ୍ରହ୍ମପୁର ତଥା ସହର ବାହାରକୁ କଲେଜକୁ ଆସୁଥିବା ଛାତ୍ରୀଙ୍କ ଯିବା ଆସିବା ନିମନ୍ତେ କୌଣସି ସୁବିଧା ନାହିଁ । ପୂର୍ବରୁ କ୍ୟାମ୍ପସ ଦେଇ ଆମ ବସ୍ ଯାତାୟତ କରୁଥିବା ବେଳେ କିଛି ଦିନ ହେବ ତାହା ବନ୍ଦ ରହିଛି । ଫଳରେ ଦିନକୁ ଦିନ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଉପସ୍ଥାନ ହ୍ରାସ ପାଇବାରେ ଲାଗିଛି । ସେହିପରି ମହାବିଦ୍ୟାଳୟ ସମ୍ମୁଖରେ ହମ୍ପସ୍ ନଥିବାରୁ ବିଭିନ୍ନ ସମୟରେ ଛାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏଭଳି ବିଭିନ୍ନ ଦାବି ନେଇ ଦୀର୍ଘଦିନ ହେବ ମହାବିଦ୍ୟାଳୟର ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

ଏହାକୁ ଦୃଷ୍ଟିରେ ରଖି ଶନିବାର ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ପାଢ଼ୀ ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପରିଦର୍ଶନ କରିବା ସହ କ୍ୟାମ୍ପସରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ବୁଲି ଦେଖିଥିଲେ । ଏହାପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ନିବେଦିତା ମହାପାତ୍ରଙ୍କ ସହ କ୍ୟାମ୍ପସର ସମସ୍ୟା ନେଇ ଆଲୋଚନା କରିଥିଲେ । କିଛିଦିନ ମଧ୍ୟରେ କ୍ୟାମ୍ପସରେ ରହିଥିବା ପାନୀୟ ଜଳ, ଚୌକି ଓ ଇ-ଲାଇବ୍ରେରୀ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଥିବା ଡ଼. ପାଢ଼ୀ କହିଛନ୍ତି । ଏହାସହ କ୍ୟାମ୍ପସ ଦେଇ କିଭଳି 'ଆମ ବସ୍' ଚଳାଚଳ କରିବ ସେନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି ।

ସୂଚନା ପ୍ରକାରେ ପୂର୍ବ ସରକାର ଅମଳରେ ମହାମାୟୀ ମହିଳା ମହାବିଦ୍ୟାଳୟ ରୂପାନ୍ତରିତ ହୋଇଥିଲା । ମହାବିଦ୍ୟାୟଳୟର ଯୁକ୍ତତିନି ଛାତ୍ରୀମାନଙ୍କ ପାଇଁ ଦ୍ୱିତୀୟ ନୂତନ କମ୍ପ୍ୟାସ ନିର୍ମାଣ କରାଯାଇଥିଲା । ଏଥିରେ ଉନ୍ନତମାନର ସରଞ୍ଜାମ ସ୍ଥାନିତ ପାଇଥିଲା । ଗତ ୨୦୨୪ ମାର୍ଚ୍ଚ ୧୪ତାରିଖରେ ଏହାକୁ ଉଦଘାଟନ କରିଥିଲେ । ଇତିମଧ୍ୟରେ ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଉଦଘାଟନକୁ ଦୀର୍ଘ ଦେଢ଼ ବର୍ଷ ବିତିଯାଇଛି । କିନ୍ତୁ ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ପୂର୍ଣ୍ଣ କାର୍ଯ୍ୟକ୍ଷମ ଓ ଲାଗି ରହିଥିବା ବିଭିନ୍ନ ସମସ୍ୟା ଏ ପର୍ଯ୍ୟନ୍ତ ସମାଧାନ ହୋଇପାରିନି ।

## ମହିଳାଙ୍କୁ ଘରେ ପଶି ଆକ୍ରମଣ

**ରଙ୍ଗେଇଲୁଣ୍ଡା, ୨୩।୮ (ସମିସ):** ଗୋଳନ୍ଥରା ଥାନା ଅଧୀନ ପାଲୁର ହିଲସ ସ୍ଥିତ ଶିବଶକ୍ତି ନଗରରେ ଜଣେ ମହିଳାଙ୍କୁ ଘରେ ପଶି ମାଡ଼ ମରିବା ଓ ଅସଦାଚରଣ କରିଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ସୂଚନାନୁସାରେ ଶିବଶକ୍ତି ନଗରରେ ରହୁଥିବା କୁନି ସାହୁ ଶୁକ୍ରବାର ଗାଁକୁ ମହିଳା ଗ୍ରୁପର ଜଣେ ସଦସ୍ୟ କିସ୍ତି ଟଙ୍କା ଆଦାୟ ପାଇଁ ଆସିଥିଲେ। କୁନିଙ୍କ ନାବାଳିକା ଝିଅକୁ ପଡ଼ିସା ଘରକୁ ଡାକିବା ପାଇଁ କହିଥିଲେ ଏବଂ ଝିଅଟି ପଡ଼ିଶା ଘରକୁ ଯାଇକି ଡାକିଥିଲା। ମହିଳା ଗ୍ରୁପ ସଦସ୍ୟ ଚାଲିଯିବା ପରେ ସେହି ପଡୋଶୀ ଘରର ଦୁଇ ପୁଅ ଠେଙ୍ଗା ବାଡ଼ି ଧରି କୁନି ଘରେ ପଶି କୁନିଙ୍କୁ ଟଣା ଓଟରା କରିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ କୁନି ଗୁରୁତର ହୋଇଥିଲେ। କୁନି ଗିରିସୋଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଥାନା କେସନଂ ୩୭୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମୀକ୍ଷା ବୈଠକ

**ରମ୍ଭା, ୨୩।୮ (ସମିସ):** ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏକ୍‌ପେଡ୍ ମା' କେ ନାମ, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା, ୟୁଡାଇସ, ଜାତୀୟ ସାକ୍ଷରତା କାର୍ଯ୍ୟକ୍ରମ, ଜବାହର ନବୋଦୟ ଆବେଦନ, ପ୍ରାଥମିକ ବୃତ୍ତି ପରୀକ୍ଷା ପରିଚାଳନା, ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ବ୍ୟବସ୍ଥା ଆଦି ବହୁବିଧ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ବିଆର୍‌ସିସି ସୁଷମା ଶବର, ଏବିଇଓ ସୁଶାନ୍ତ କୁମାର ନାୟକ, ରବିନାରାୟଣ ସେଠୀ, ଏମ୍ଆଇଏସ୍ ମଧୁସ୍ମିତା ଆଚାର୍ଯ୍ୟଙ୍କ ସମେତ ସିଆର୍‌ସିସି କୃଷ୍ଣଚନ୍ଦ୍ର ପରିଡ଼ା, ପ୍ରଶାନ୍ତ କୁମାର ସେଠୀ, ରାଜେନ୍ଦ୍ର କୁମାର ପଣ୍ଡା, ଅନାଥ ବେହେରା, ନିରଞ୍ଜନ ସେଠୀ, ପ୍ରମୋଦ କୁମାର ପ୍ରଧାନ, ସୁଶୀଲ କୁମାର ପଣ୍ଡା, ଲିପନ କୁମାରୀ ପଣ୍ଡା, ରବୀନ୍ଦ୍ର କୁମାର ନାୟକ, ପ୍ରଜ୍ଞା କୁମାର ପଟ୍ଟନାୟକ, ନିରଞ୍ଜନ ଗୁରୁ, ପ୍ରକାଶ ଚନ୍ଦ୍ର ସେଠୀ, ପବିତ୍ର କୁମାର ବେହେରା, ଶୁଭେନ୍ଦୁ ରାଉତ, ଡକ୍ଟର ଦ୍ୱାରିକାନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସମାରୋହ



**କୋଦଳା, ୨୩।୮ (ସମିସ):** ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଭାଗ ତରଫରୁ +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତଥା ରାଜନୀତି ବିଭାଗ ମୁଖ୍ୟ ରଘୁନାଥ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଲିପୁନ ମାଝୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପାଦେୟ ବାର୍ତ୍ତା ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ରଞ୍ଜୁବାଳା ନନ୍ଦ, ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ବିନୋଦ କୁମାର ମିଶ୍ର ଏବଂ ଅନ୍ତର୍ନିହିତ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ଅଧ୍ୟାପକ ସପନ କୁମାର ଦାଶ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ନିକଟରେ ପ୍ରେରଣାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ତପସ୍ୱିନୀ କରଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ର ପ୍ରଦୀପ କୁମାର ନାହାକ ଓ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ ଜ୍ୟୋତିପ୍ରଭା ସେଠୀ ସଂଯୋଜନା କରିଥିଲେ। ଛାତ୍ରୀ ମନୀଷା ସେଠି ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷ୍ମୀନାରାୟଣ କଲେଜରେ ଆଇସିସି ବୈଠକ

**କୋଦଳା, ୨୩।୮ (ସମିସ):** ସ୍ଥାନୀୟ ଲକ୍ଷ୍ମୀନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ "ଆଭ୍ୟନ୍ତରୀଣ ଅଭିଯୋଗ ସମିତି" (ଆଇସିସି) ଦ୍ୱାରା ଏକ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଡ. ଦଉରାମ ବିଷୋୟୀଙ୍କ



ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ କମିଟିର ପ୍ରିଜାଇଡ଼ିଙ୍ଗ ଅଫିସର୍ ଅଧ୍ୟାପିକା ସନ୍ଧ୍ୟାରଣୀ ତରାଇ, ଅଧ୍ୟାପିକା ଦେବଶ୍ରୀ ଦେବସ୍ମିତା କେଶରୀ, ସୁଦେଷ୍ଣା ପ୍ରଧାନ, ଓକିଲ ଜାମିର ଅଲି ଖାନ, ବିଶିଷ୍ଟ ସମାଜସେବୀ ଦୁର୍ଗା ପ୍ରସାଦ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏତଦ୍ ବ୍ୟତୀତ ଅଧ୍ୟାପକ ହୃଷୀକେଶ ପ୍ରହରାଜ, ସରୋଜ କୁମାର ଆଚାର୍ଯ୍ୟ, ପଞ୍ଚାନନ ଦାଶ, ରୋହିତ କୁମାର ବାରିକ, ଆଶୁତୋଷ ସାହୁ, ଭାବଗ୍ରାହୀ ପଣ୍ଡା, ବିରେନ୍ଦ୍ର ପାଲ, ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶନୀ, ସ୍ୱର୍ଣ୍ଣ ସଂସ୍କୃତି ମହାପାତ୍ର, ଗୀତାଞ୍ଜଳୀ ମହାପାତ୍ର, ଶ୍ରଦ୍ଧାଞ୍ଜଳୀ ସ୍ୱାଇଁ ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ଏଥିସହିତ ସମସ୍ତ ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ "ଆଭ୍ୟନ୍ତରୀଣ ଅଭିଯୋଗ ସମିତି"ର କାର୍ଯ୍ୟ ପ୍ରଣାଳୀ, ଅଭିଯୋଗ କରିବାର ପ୍ରକ୍ରିୟା ଓ ଛାତ୍ରଛାତ୍ରୀଙ୍କର ଅଧିକାର ସମ୍ପର୍କରେ ଅବଗତ କରାଯାଇଥିଲା।

# ଛତ୍ରପୁରରେ ଅସହ୍ୟ ହେଲାଣି ବୁଲାଗୋରୁଙ୍କ ପ୍ରାଦୁର୍ଭାବ

**ଛତ୍ରପୁର, ୨୩।୮ (ସମିସ)**

ଛତ୍ରପୁର ସହରରେ ବିଭିନ୍ନ ରାସ୍ତା ହେଉ କି ଜାତୀୟ ରାଜପଥ ହେଉ ଦିନକୁ ଦିନ ଅସହ୍ୟ ହେଲାଣି ବୁଲା ଗାଈଗୋରୁଙ୍କ ଅବାଧ ଚଳପ୍ରଚଳ। ଶୁକ୍ରବାର ବିଳମ୍ବିତ ରାତିରେ ଛତ୍ରପୁର କଲେଜ ଛକ ଜାତୀୟ ରାଜପଥରେ କୌଣସି ଏକ ଅଜଣା ଗାଡି ଧକ୍କାରେ ଦୁଇଟି ଗାଈର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଟି ଗାଈ ଗୁରୁତର ଆହତ ହୋଇ ରାସ୍ତା ଉପରେ ଛଟପଟ ହେଉଥିବା ବେଳେ ତାଙ୍କୁ ପରେ ଚିକିତ୍ସା କରି ରାସ୍ତାରୁ ହଟାଯାଇଥିଲା।

ଛତ୍ରପୁରରେ ଏବେ ବୁଲା ଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଗୋରୁ ରଖୁଥିବା ମାଲିକ ମାନେ ରାସ୍ତା ଉପରକୁ ଛାଡି ଦେଉଛନ୍ତି। ସେମାନେ ରାସ୍ତା ଉପରେ ରହୁଥିବାରୁ ଦୈନିକ ଛୋଟ ବଡ଼ ଦୁର୍ଘଟଣା



ଘଟୁଛି। କେତେବେଳେ ଗାଡି ଧକ୍କାରେ ଗାଈଗୋରୁଙ୍କ ଜୀବନ ଯାଉଛି ତ କେତେବେଳେ ବାଇକ ଆରୋହୀ ହେଉ ବା ଅନ୍ୟ କୌଣସି ଯାତ୍ରୀ ଦୁର୍ଘଟଣାରେ ଖଣ୍ଡିଆଖାବରା ସହ ଜୀବନ ଯାଉଛି। ଅମାନିଆ ଗୋରୁମାଲିକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ମାଲିକମାନେ କ୍ଷୀର ଦୁହିଁ ସାରିବା ପରେ ଗାଈକୁ ଗୁହାଳରେ ନରଖି ସେମାନଙ୍କୁ ରାଜରାସ୍ତାକୁ ଛାଡି ଦେଉଛନ୍ତି, ଯାହାର କୁପରିଣାମ ଭୋଗୁଛନ୍ତି

**ଅଜଣା ଗାଡ଼ି ଧକ୍କାରେ ୨ ଗାଈ ମୃତ**

ସହରବାସୀ। କାଞ୍ଜିଆକୁଦା ନଥିବାରୁ ଗାଈଗୋରୁ ରଖିବା ପାଇଁ ଏନଏସି ପ୍ରଶାସନ ଆଗଭର ହେଉନାହିଁ। ତେଣୁ ପ୍ରଶାସନ ତୁରନ୍ତ ଏକ କାଞ୍ଜିଆକୁଆ ନିର୍ମାଣ କରି ଯେଉଁ ଗୋରୁଗୁଡିକ ରାସ୍ତାରେ ବୁଲୁଥିବେ ସେମାନଙ୍କୁ ଉଠାଯାଇ ସେଠାରେ ଛାଡିବାକୁ ଦାବି ହେଉଛି।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ



**ପୋଲସରା, ୨୩।୮ (ସମିସ):** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ କର୍ମ ଚାରୀ ସେମାନଙ୍କ ପୂର୍ଣ୍ଣ ଅନୁଦାନ ପ୍ରଦାନ ଦାବିରେ ସାମୂହିକ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ପରାମର୍ଶ କ୍ରମେ ଶନିବାର ପୋଲସରା ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୮ ମଧ୍ୟରେ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ନିଯୁକ୍ତି ପାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଉପଯୁକ୍ତ ଅନୁଦାନ ରାଶି ମିଳୁନାହିଁ। ଯେଉଁ ଦିନ ପର୍ଯ୍ୟନ୍ତ ଅନୁଦାନ ନୀତି ସମ୍ବନ୍ଧୀୟ କୌଣସି ବିଧିବଦ୍ଧ ପଦକ୍ଷେପ ରାଜ୍ୟସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇନାହିଁ ସେହି ଦିନ ଅର୍ଥାତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଧାରଣା ରତ କର୍ମଚାରୀଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ଆନ୍ଦୋଳନରେ ସଂଘର କର୍ମଚାରୀ ଶ୍ରୀଦେବୀ ପାତ୍ର, ମକରଧ୍ୱଜ ବରାଡ଼, ସୁଶାନ୍ତ କୁମାର ପରିଡ଼ା, ଶାରଦା ପାତ୍ର, ରାକେଶ ପୋଲେଇ, ରାଜେନ୍ଦ୍ର ଦେବତା, ମିନତୀ ପାଢ଼ୀ, ପ୍ରିୟମ୍ବଦା ଦାସ, ମହେନ୍ଦ୍ର ସାମନ୍ତରା, ଶ୍ରୀକାନ୍ତ ମିଶ୍ର, ସଂଗ୍ରାମ କେଶରୀ ସ୍ୱାଇଁ, ଜୟନ୍ତ ପ୍ରଧାନ ଓ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଖଲ୍ଲିକୋଟ, ୨୩।୮ (ସମିସ):** ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ କେଶପୁର ସ୍ନାତକ ମହାବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, କର୍ମଚାରୀ ଗତ ୧୬ ତାରିଖ ଠାରୁ ସାମୂହିକ କାର୍ଯ୍ୟ ବନ୍ଦ ଆନ୍ଦୋଳନ



କରୁଛନ୍ତି। ଯେହେତୁ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ୨୦୦୮ ରୁ ୨୦୧୮ ମଧ୍ୟରେ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ମାନେ ନିଯୁକ୍ତି ପାଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଉପଯୁକ୍ତ ଅନୁଦାନ ରାଶି ମିଳୁନାହିଁ। ଯାହାର ପ୍ରତିବାଦରେ ସଂଘ ପକ୍ଷରୁ ସମସ୍ତ କର୍ମଚାରୀ ସେମାନଙ୍କ ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପଲାଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥି ସହ ଯେଉଁ ଦିନ ପର୍ଯ୍ୟନ୍ତ ଅନୁଦାନ ନୀତି ସମ୍ବନ୍ଧୀୟ କୌଣସି ବିଧିବଦ୍ଧ ପଦକ୍ଷେପ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇନାହିଁ, ସେହି ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଧାରଣାରତ କର୍ମଚାରୀ ତଥା ଖଲ୍ଲିକୋଟ ଖଣ୍ଡ ସଂଯୋଜକ ଅଧ୍ୟାପକ ଗଗନ ଗୌଡ଼ କହିଛନ୍ତି।

**ବିପର୍ଯ୍ୟସ୍ତ କଲେଜ ରାସ୍ତା**

## ସ୍ଥାୟୀ ସମାଧାନ ନିମନ୍ତେ ବିଡିଓଙ୍କ ତତ୍ପରତା

**କୁକୁଡ଼ାଖଣ୍ଡି, ୨୩।୮ (ସମିସ):** କୁକୁଡ଼ାଖଣ୍ଡି ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ମାଟି ରାସ୍ତା ବର୍ଷା ଯୋଗୁଁ କାଦୁଅ ହୋଇ ଚଳ ପ୍ରଚଳ ନିମନ୍ତେ ବ୍ୟାଘାତ ସୃଷ୍ଟି ହେଉଥିଲା। କୁକୁଡ଼ାଖଣ୍ଡି ବ୍ଲକରୁ ପଞ୍ଚାୟତକୁ ଯାତାୟାତ କରୁଥିବା ମୁଖ୍ୟମନ୍ତ୍ରୀ ବସ୍ ଗୁଡ଼ିକ ରାତ୍ରି ରହଣି ନିମନ୍ତେ କୁକୁଡ଼ାଖଣ୍ଡି ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ରାସ୍ତାଟିକୁ ଆଦରି ନେଇଥିଲେ। ବସ୍ ଗୁଡ଼ିକ ସେହି ରାସ୍ତାରେ ଯିବା ଆସିବା କରିବା ଦ୍ୱାରା ରାସ୍ତାର ଅବସ୍ଥା ଏପରି ହୋଇଥିଲା। ତେଣୁ ଉକ୍ତ ରାସ୍ତାରେ କଲେଜ ଛାତ୍ରଛାତ୍ରୀ ସମେତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଯିବା ଆସିବା କରିବା କଷ୍ଟକର ହୋଇପଡ଼ିଥିଲା। ବାରମ୍ବାର କଲେଜ କର୍ତ୍ତୃପକ୍ଷ ମୌଖିକ ଭାବେ ବସ୍ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନଙ୍କୁ କହିବା ସତ୍ତ୍ୱେ ମଧ୍ୟ ସେଠାରେ ରାତ୍ରି ସମୟରେ ବସ୍ ଗୁଡ଼ିକ ରହୁଥିଲା। ପୂର୍ବରୁ କୁକୁଡ଼ାଖଣ୍ଡି ବ୍ଲକକୁ ଯେତେବେଳେ ବସ୍ ଗୁଡ଼ିକ ଆସିଥିଲା ତାହା ବ୍ଲକ ପରିସର ଓ ସମ୍ମୁଖ ଫାଟକ ନିକଟ ରାଜ ରାସ୍ତାପଡ଼ରେ ରହୁଥିଲା। କିଛି ଦିନ ହେବ ବିଜ୍ଞାନ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ ବସ୍ ରଖାଯିବାରୁ ଏହି ରାସ୍ତା କଦର୍ଯ୍ୟ ହୋଇଥିଲା। ଏନେଇ କଲେଜ କର୍ତ୍ତୃପକ୍ଷ କୁକୁଡ଼ାଖଣ୍ଡି ବିଡ଼ିଓ ପଲ୍ଲବୀ ସ୍ୱାଇଁଙ୍କ ଦୃଷ୍ଟି ଗୋଚର କରିବାରୁ ସ୍ଥାୟୀ ସମାଧାନ ନିମନ୍ତେ ସମୟ



ସାପେକ୍ଷ ହୋଇଥିବାରୁ ଏହାର ଅସ୍ଥାୟୀ ସମାଧାନ ନିମନ୍ତେ ତତ୍ପରତା ଦେଖାଇଥିଲେ। ବର୍ତ୍ତମାନ ମାଟି ରାସ୍ତାକୁ ଚଳପ୍ରଚଳ ନିମନ୍ତେ ବାଲି ପକାଇ ସମତୁଲ କରିଛନ୍ତି। ତେବେ ପରବର୍ତ୍ତୀ ସମୟରେ ଏହାର ସ୍ଥାୟୀ ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

## ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ସଚେତନତା ଶିବିର

**ମୋହନା, ୨୩।୮ (ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ବିରିକୋଟ ଗ୍ରାମ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଗଜପତି ଜିଲ୍ଲା ତରଫରୁ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରବାସୀ ଶ୍ରମିକମାନଙ୍କ ଅଧିକାର, ଆଇନ ଏବଂ ନିୟମ ଉପରେ ଆଲୋଚନା କରାଯାଇଥିଲା। ସମାନ କାମ ଉପରେ ସମାନ ମଜୁରୀ, ସ୍ତ୍ରୀ ଓ ପୁରୁଷ ମାନଙ୍କ ପାଇଁ



ଏବଂ ନିର୍ମାଣ ଶ୍ରମିକ କାର୍ଡ଼ ଉପରେ ମଧ୍ୟ ଶ୍ରମିକ ମାନଙ୍କ ଅଭିଯୋଗ ଗ୍ରହଣ କରାଯାଥିଲା। ସଭାରେ ସହକାରୀ ଶ୍ରମ ଅଧିକାରୀ ମଦନ ମୋହନ ଟୁଡୁ ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ଅମିତ ନାୟକ ବିରିକୋଟ ନାଏବ ସରପଞ୍ଚ ପାଉଲ ଦଳବେହେରା, ନାଥନ ଗମାଙ୍ଗ ଏବଂ ଅନନ୍ତ ମଲ୍ଲିକ ଉପସ୍ଥିତ ଥିଲେ। ପୋଇପାଣି, ଇନ୍ଦ୍ରପୁରା, ଦାମଦୁଆ, ବେଗଣ୍ଡା ଗାନ୍ଧୀ ମଲ୍ଲିକ, କୁଳ ଚନ୍ଦ୍ର ମଲ୍ଲିକ, ଚିକୁ ମଲ୍ଲିକ ପ୍ରମୁଖ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଗଛ ପଡ଼ି ରାସ୍ତା ଅବରୋଧ

**ଗୋଷାଣି, ୨୩।୮ (ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୋଷାଣି-ଗୁରାଣ୍ଡି ମୁଖ୍ୟ ରାସ୍ତାରେ ଆଜି ମଧ୍ୟାହ୍ନରେ ବିନା ପବନ ବର୍ଷାରେ ଏକ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ମଧ୍ୟାହ୍ନରୁ ଏହି ଗଛ ପଡ଼ିଥିଲେ ହେଁ ବିଳମ୍ବିତ ସନ୍ଧ୍ୟା ସୁଦ୍ଧା ହଟାଯାଇ ନଥିବାରୁ ଯାତାୟତରେ ସମସ୍ୟା ଉପୁଜିଥିବାର ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଉପଲଡା-ଲିଙ୍ଗିପୁର-



ଗୁରାଣ୍ଡି ଦେଇ ଦୁଇଚକିଆ ଯାନ ବ୍ୟତୀତ ଗୋଷାଣି ଯାଉଥିବା ଏବଂ ଅପରପାର୍ଶ୍ୱରୁ ଆସୁଥିବା ବଡ଼ ଯାନବାହନ ଯାତାୟତ କରିପାରୁ ନଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ଯାଉଥିବା ପଥଚାରୀ ଗଛର ଡାଳ ଗୁଡିକୁ ଭାଙ୍ଗି ଯାତାୟତ ପାଇଁ ଉଦ୍ୟମ କରୁଥିବା ଦେଖାଯାଇଛି। ସେପଟେ ଗଛପଡ଼ି ରହିଥିବା ସମସ୍ୟା ବିଷୟରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଶୁଭଶ୍ରୀ ପ୍ରଧାନଙ୍କୁ ପଚାରିବାରୁ ସେ କିଛି ଜାଣିନଥିବା କହିଛନ୍ତି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ସୋରଡ଼ା, ୨୩।୮ (ସମିସ):** ସୋରଡା ଥାନା ଜରାଉ ଛକ ନିକଟରେ କାର ଓ ବାଇକ୍ ମୁହାମୁହିଁ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ଗଡ଼ ଥାନା ଅଧୀନ ବଡ଼ଗୋଛା ଗ୍ରାମର ପୁଷ୍ପକ ଶୋଭାସୁନ୍ଦର। ପୁଷ୍ପକ ବାଇକ୍ ଯୋଗେ ସୋରଡ଼ାରୁ ଫେରୁଥିବା ବେଳେ ଜରାଉ ଛକରୁ ସୋରଡ଼ାକୁ ଯାଉଥିବା କାର ସହ ଧକ୍କା ହୋଇଥିଲେ। ଘଟଣା ସ୍ଥଳରେ ହିଁ ବାଇକ ଚାଳକ ପୁଷ୍ପକଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**ଦୁଇଦିନ ପରେ ଗଣେଶ ପୂଜା**

# ମୂର୍ତ୍ତି ପ୍ରସ୍ତୁତ; ସଜେଇ ହେଉଛି ମଣ୍ଡପ

**ଧରାକୋଟ, ୨୩।୮ (ସମିସ)**

୨୭ରେ ପାର୍ବଣର ଆଦ୍ୟ ପର୍ବ ଗଣେଶ ପୂଜା। ଆଉ ମାତ୍ର ଦିନ କେଇଟା ଥିବାବେଳେ ବିଭିନ୍ନ କାରିଗର ଅର୍ଡର ମୁତାବକ ମୂର୍ତ୍ତି ନିର୍ମାଣ ଶେଷ କରିଥିବାବେଳେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ପୂଜା କମିଟି ପକ୍ଷରୁ ମଣ୍ଡପ ପ୍ରସ୍ତୁତି କାମ ଜୋର୍‌ଦାରରେ ଚାଲିଛି। ଗାଁ ଠୁ ସହର ଚାରିଆଡ଼େ ପାର୍ବଣର ମାହୋଲ। ସାହି ବସ୍ତି ଠାରୁ ଶିକ୍ଷାନୁଷ୍ଠାନ ସବୁଠି ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି। ଏହାକୁ ଦୃଷ୍ଟିରେ ରଖି ଲୋକଙ୍କୁ ଆକର୍ଷିତ କରିବାକୁ ଭଳିକି ଭଳି ମୂର୍ତ୍ତି ନିର୍ମାଣ କରିଛନ୍ତି କାରିଗର। ଚଳିତ ବର୍ଷ ଭଲ ଦୁଇ ପଇସା ରୋଜଗାର ହେବା ଆଶା ରଖିଛନ୍ତି।

ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ବସ୍‌ଷ୍ଟାଣ୍ଡ ନିକଟରେ ଥିବା କୋଣାର୍କ ଚିତ୍ର ଶିଳ୍ପୀ କୁଟୀରରେ ସମ୍ପ୍ରତି ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ଧରଣର ଛୋଟରୁ ବଡ଼ ପର୍ଯ୍ୟନ୍ତ ମୂର୍ତ୍ତି ନିର୍ମାଣ କରିଛନ୍ତି କାରିଗର କିଶୋର ଚନ୍ଦ୍ର ମହାପାତ୍ର ଓ ତାଙ୍କ ପୁଅ ଶାନ୍ତନୁ। ୫୦ଟଙ୍କାରୁ ଆରମ୍ଭ କରି ୫୦ହଜାର ଟଙ୍କା ପର୍ଯ୍ୟନ୍ତ ମୂର୍ତ୍ତି ରହିଛି। କାହିଁ କେତେ ପିଢ଼ି ଧରି ଏହି କୌଳିକ ବୃତ୍ତିରେ ନିମଗ୍ନ ରହି ଗଣେଶ, ଦୁର୍ଗା, ଜଗନ୍ନାଥ ଠାକୁରଙ୍କ ସିମେଣ୍ଟ, ପଥର, କାଠ ମୂର୍ତ୍ତି ନିର୍ମାଣ ସହ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର



ବିଭିନ୍ନ ସ୍ଥାନରେ ମନ୍ଦିର ମଧ୍ୟ ନିର୍ମାଣ କରୁଛନ୍ତି।

ଏନେଇ ଶିଳ୍ପୀ ଶାନ୍ତନୁ କୁହନ୍ତି ଆଜିକାଲି ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ମୂର୍ତ୍ତି ଆକର୍ଷଣୀୟ ସହ ମିତବ୍ୟୟୀ ହେଉଥିବାରୁ ଲୋକେ ଏହାକୁ ଅଧିକ ପସନ୍ଦ କରୁଛନ୍ତି। ଏଣୁ ଚଳିତ ବର୍ଷ ଫ୍ରେମ ଭିତରେ ପ୍ଲାଷ୍ଟର ପ୍ୟାରିସ, ନଡିଆ କତା, ଖଡ଼ି ବ୍ୟବହାର କରି ମୂର୍ତ୍ତି ନିର୍ମାଣ କରିଛନ୍ତି। ମୂର୍ତ୍ତି ନିର୍ମାଣ ପରେ ରଙ୍ଗ କାମ ପାଇଁ ୧୮ ଦିନ ସମୟ ଲାଗିଥିବା ବେଳେ ସମ୍ପୂର୍ଣ୍ଣ ମୂର୍ତ୍ତି ନିର୍ମାଣ ପାଇଁ ପ୍ରାୟ ୨୫ ଦିନ ଲାଗିଛି। ପରିତୋଷ ସମ୍ପର୍କରେ ପ୍ରଶ୍ନ ବେଳେ ପରିବାର ପ୍ରତିପୋଷଣ ପାଇଁ କୌଳିକ ବୃତ୍ତିକୁ ଆପଣାଇ ଚାଲିଛୁ, କିନ୍ତୁ ଏଥିରେ ଆନନ୍ଦ ଅଛି ହେଲେ ପେଟ ପୁରୁନାହିଁ ବୋଲି ପ୍ରକାଶ କରିଛନ୍ତି କିଶୋର ମହାପାତ୍ର।

ଧରାକୋଟ ରାଜା ଧରାକୋଟ ଗଡ଼ର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ତିନି ଠାକୁରଙ୍କ ନବଯୌବନ ସେବା ପାଇଁ ପୁରୀରୁ ଚିତ୍ରକର ପରିବାରକୁ ଏଠାକୁ ଆଣିଥିଲେ। କିଶୋରଙ୍କ ପରିବାର ସମ୍ପ୍ରତି ବଳଭଦ୍ରଙ୍କ ମୂର୍ତ୍ତିର ନବ ଯୌବନ ସମୟରେ ରଙ୍ଗ କରିବା ଦାୟିତ୍ୱ ସୂଚାରୁ ରୂପେ ନିଭାଇ ଆସୁଛନ୍ତି।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ଅନ୍ତରୀକ୍ଷ ଦିବସ

**ପାରଳାଖେମୁଣ୍ଡି, ୨୩।୮ (ସମିସ):** ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ପାରଳାଖେମୁଣ୍ଡିରେ ଆଜି ଜାତୀୟ ଅନ୍ତରୀକ୍ଷ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠିତ ବୈଜ୍ଞାନିକ, ଶିକ୍ଷକ ଓ ଛାତ୍ରଛାତ୍ରୀ ଏକତ୍ର ହୋଇ ଭାରତର ଅନ୍ତରୀକ୍ଷ ସଫଳତା ଓ ସାମାଜିକ, ପରିବେଶୀୟ ଓ ବିଶ୍ୱସ୍ତରୀୟ ସମସ୍ୟା ସମାଧାନରେ ସ୍ପେସ୍ ଟେକ୍ନୋଲୋଜିର ଭୂମିକା ନେଇ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସିଭିଲ ଇଞ୍ଜିନିଅରିଂ ବିଭାଗ ଦ୍ୱାରା ସେଣ୍ଟର ଫର ଡାଟା ସାଇନ୍ସ ଆଣ୍ଡ ମେସିନ ଲର୍ଣ୍ଣିଂ ଓ ସ୍କୁଲ ଅଫ ଇଞ୍ଜିନିଅରିଂ ଆଣ୍ଡ ଟେକ୍ନୋଲୋଜି ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଡିନ୍ ଡଃ. ପ୍ରଫୁଲ୍ଲ କୁମାର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି, ୟୁନିଭର୍ସିଟିର ନୂତନତ୍ୱ, ଗବେଷଣା ଓ ପ୍ରଯୁକ୍ତିମୂଳକ ଶିକ୍ଷାକୁ ଆଗେଇ ନେବାରେ ଦୃଢ଼ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ।

ପରେ ସିଭିଲ ଇଞ୍ଜିନିୟରିଂ ବିଭାଗୀୟ ମୁଖ୍ୟ ଡ.ରାଜୀବ କୁମାର ମାଝୀ,




ଅହମଦାବାଦସ୍ଥିତ ସ୍ପେସ ଆପ୍ଲିକେଶନ ସେଣ୍ଟରର ବୈଜ୍ଞାନିକ ଡ.ଆର୍. କେ. ଷଡଙ୍ଗୀ, ଭୋପାଲ ଆଇଜର ପ୍ରାଧ୍ୟାପକ, ଡ.କୁମାର ଗୌରବ ପ୍ରମୁଖ ମୁଖ୍ୟ ବିଷୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ତର୍କ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ଅନ୍ତରୀକ୍ଷ ବିଜ୍ଞାନ ଓ ପ୍ରଯୁକ୍ତି ବିଷୟରେ ଜ୍ଞାନ, ସୃଜନଶୀଳତା ଓ ଉତ୍ସାହ ପ୍ରଦର୍ଶନ କରିଥିଲେ। ଶେଷରେ ଆୟୋଜକ ଅତିଥି, ବକ୍ତା ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

